# ଆମେରିକା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ରଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛି ଭାରତ

ମାର୍ଚ୍ଚ 27, 2024

ଭାରତରେ କେତେକ ଆଇନଗତ ପ୍ରକ୍ରିୟା ସମ୍ପର୍କରେ ଆମେରିକୀୟ ବୈଦେଶିକ ବିଭାଗର ମୁଖପାତ୍ରଙ୍କ ମନ୍ତବ୍ୟକୁ ନେଇ ଆମେ ଦୃଢ଼ ଆପତ୍ତି ଉଠାଇଛୁ ।

କୂଟନୀତିରେ ରାଷ୍ଟ୍ରମାନେ ଅନ୍ୟମାନଙ୍କ ସାର୍ବଭୌମତ୍ୱ ଏବଂ ଆଭ୍ୟନ୍ତରୀଣ ବ୍ୟାପାରକୁ ସମ୍ମାନ ଦେବା ଆଶା କରାଯାଏ । ସହଯୋଗୀ ଗଣତନ୍ତ୍ର କ୍ଷେତ୍ରରେ ଏହି ଦାୟିତ୍ୱ ଆହୁରି ଅଧିକ । ନଚେତ୍ ଏହା ପ୍ରତିକୂଳାତ୍ମକ ଉଦାହରଣ ସୃଷ୍ଟି କରିପାରେ ।

ଭାରତର ଆଇନଗତ ପ୍ରକ୍ରିୟା ଏକ ସ୍ୱାଧୀନ ନ୍ୟାୟପାଳିକା ଉପରେ ଆଧାରିତ ଯାହା ଉଦ୍ଦେଶ୍ୟମୂଳକ ଏବଂ ସମୟୋପଯୋଗୀ ଫଳାଫଳ ପାଇଁ ପ୍ରତିଶ୍ରୁତିବଦ୍ଧ । ଏହା ଉପରେ ସନ୍ଦେହ କରିବା ଅଯଥା ।

ନୂଆଦିଲ୍ଲୀ
**ମାର୍ଚ୍ଚ 27, 2024**